# NATIONAL NEWS BULLETIN (ODIA)

## 20 June 2026

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାରେ ଆଜି ୪୭ହଜାର ୬୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।
- ପଶ୍ଚିମବଙ୍ଗର ହୁଗୁଳିରୁ ଆଜି ପିଏମ୍ କିଶାନ ସମ୍ମାନନିଧିର ୨୩ତମ କିସ୍ତି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ ।
- ନିଟ୍-ୟୁଜି ପୁନଃ ପରୀକ୍ଷାକୁ ସ୍ୱଚ୍ଛ ଓ ପାରଦର୍ଶୀ ଭାବେ ପରିଚାଳନା କରିବାକୁ ପ୍ରସ୍ତୁତ ଥିବା ଏନ୍‌ଟିଏର ସୂଚନା ।

ଏବଂ

- ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଆଜି ଚେନ୍ନାଇରେ ଖେଳାଯିବ ତୃତୀୟ ଦିନିକିଆ କ୍ରିକେଟ୍ ମ୍ୟାଚ୍ ।

## ପିଏମ୍- ଓଡ଼ିଶା ଡବ୍ଲ୍ୟୁବି ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ୪୭ ହଜାର ୬୦୦ କୋଟି ଟଙ୍କାର ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଲୋକାର୍ପଣ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏଥିରେ ୨୫ ହଜାର କୋଟି ଟଙ୍କାର କୋଇଲା ଗ୍ୟାସିଫିକେସନ ପ୍ରକଳ୍ପ, ୧୭ ହଜାର ୧୧୭ କୋଟି ଟଙ୍କାର ଉନ୍ନତ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମିର ଶିଳାନ୍ୟାସ, ୮୧୧ କୋଟି ଟଙ୍କାର ରାସ୍ତା ଓ ସେତୁ ଆଦିର ଲୋକାର୍ପଣ ହେବ । ପ୍ରଧାନମନ୍ତ୍ରୀ ଆଜି ପୂର୍ବାହ୍ନରେ ରାଇରଙ୍ଗପୁରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ପାହାଡ଼ପୁର ଗ୍ରାମ ପରିଦର୍ଶନ କରି ପବିତ୍ର ସାନ୍ତାଳୀ ଜାହେରା ଏବଂ ହୋ-ଜାହେରା, ଦକ୍ଷତା କେନ୍ଦ୍ର ଓ ପାହାଡ଼ପୁର ସ୍କୁଲ୍‌ରେ ପ୍ରାର୍ଥନା କରିବେ। ଅପରାହ୍ଣରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ।

ପରେ ପ୍ରଧାନମନ୍ତ୍ରୀ ଦୁଇଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଯାଇ ଆଜି ହୁଗୁଳି ଜିଲ୍ଲାର ତାରକେଶ୍ୱର ଠାରେ ପଶ୍ଚିମବଙ୍ଗ ଦିବସ ପାଳନ ଉତ୍ସବରେ ଯୋଗଦେବେ। ସେଠାରେ ପ୍ରଧାନମନ୍ତ୍ରୀ ଏକାଧିକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ, ରାଷ୍ଟ୍ରକୁ ସମର୍ପଣ ଏବଂ ଶିଳାନ୍ୟାସ କରିବେ। ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି-ପିଏମ୍-କିସାନର ୨୩ତମ କିସ୍ତି ପ୍ରଦାନ କରିବେ। ଏହା ଅଧୀନରେ ଦେଶବ୍ୟାପୀ ୯ କୋଟି ୪୪ ଲକ୍ଷରୁ ଅଧିକ

କୃଷକଙ୍କ ବ୍ୟାଙ୍କ ଖାତାକୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଜରିଆରେ ୧୮ ହଜାର ୮୮୦ କୋଟି ଟଙ୍କାରୁ ଅଧିକ ରାଶି ହସ୍ତାନ୍ତର କରାଯିବ। ଏହାବ୍ୟତୀତ ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଡିଜିଟାଲ କୃଷି ମିଶନର ଅଂଶ ଭାବେ ଏଗ୍ରି ଷ୍ଟାକ୍, ଜାତୀୟ ପ୍ରାକୃତିକ କୃଷି ମିଶନ ଏବଂ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ସମେତ ଅନେକ କେନ୍ଦ୍ରୀୟ କୃଷି ଯୋଜନାର ଶୁଭାରମ୍ଭ କରିବେ।

ଆସନ୍ତାକାଲି ପ୍ରଧାନମନ୍ତ୍ରୀ ସକାଳ ପ୍ରାୟ ସାଢ଼େ ୬ଟାରେ କୋଲକାତାଠାରେ ଆୟୋଜିତ ଦ୍ୱାଦଶ ଆନ୍ତର୍ଜାତିକ ଯୋଗ ଦିବସ ଉତ୍ସବରେ ଯୋଗଦେବେ। ଏହି ଅବସରରେ ଶ୍ରୀ ମୋଦୀ ଶ୍ୟାମାପ୍ରସାଦ ମୁଖାର୍ଜୀ ବନ୍ଦରରେ ସ୍ୱଦେଶୀ ପ୍ରଯୁକ୍ତିରେ ନିର୍ମିତ ୩ଟି ନୌସେନା ଜାହାଜ- ଆଇଏନ୍ଏସ୍ ଦୁନାଗିରି, ସଂଶୋଧକ ଏବଂ ଆଗ୍ରେକୁ ଲୋକାର୍ପଣ କରିବେ ।

# ଏନ୍‌ଟିଏ-ଏକ୍ସାମ ପ୍ରିପେୟାର

ଆସନ୍ତାକାଲି ହେବାକୁ ଥିବା ନିଟ୍-ୟୁଜି ପୁନଃ ପ୍ରବେଶିକା ପରୀକ୍ଷାକୁ ସ୍ୱଚ୍ଛ ଓ ପାରଦର୍ଶୀ ଢ଼ଙ୍ଗରେ କରିବା ଲାଗି ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଥିବା ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ସୂଚନା ଦେଇଛି । ଦେଶର ୫୫୧ଟି ସହରରେ ଏବଂ ବିଦେଶରେ ୧୪ଟି ସହରରେ ୨୨ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ନିଟ୍-ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ଦେବେ । ପରୀକ୍ଷାକୁ

ସୁଚାରୁରୂପେ ପରିଚାଳନା କରିବା ଲାଗି ୨ଲକ୍ଷରୁ ଅଧିକ ନିରୀକ୍ଷକ, ସଂଯୋଜକ, ପୁଲିସ ଫୋର୍ସ ଓ ପ୍ରଶାସକମାନଙ୍କୁ ନିୟୋଜିତ କରାଯାଇଛି । ଏହି ପରୀକ୍ଷା ଲାଗି ସିସିଟିଭି ମାଧ୍ୟମରେ ନିରୀକ୍ଷଣ ସହ ଆଧାର ଆଧାରିତ ପ୍ରମାଣିକରଣ, ଜିପିଏସ୍ ଆଧାରିତ ଯାନ ବ୍ୟବହାର ଭଳି ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଏନ୍‌ଟିଏ ପକ୍ଷରୁ କୁହାଯାଇଛି ।

## ଏସ୍‌ସି ବ୍ୟାଙ୍କ ଏଆର୍‌ସି ନେକ୍ସସ

ବୃହତ୍ ଅନାଦେୟ ଋଣ ମାମଲାଗୁଡ଼ିକର ସମାଧାନ ପ୍ରକ୍ରିୟାକୁ ନେଇ ବ୍ୟାଙ୍କ, ଆସେଟ୍ ରିକନଷ୍ଟ୍ରକ୍ସନ୍ କମ୍ପାନୀ ଏବଂ ଋଣଗ୍ରହୀତାଙ୍କ ମଧ୍ୟରେ ସଲାସୁତୁରା ରହିଥିବା ନେଇ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଭି. ମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି କରଦାତାଙ୍କଠାରୁ ସଂଗୃହୀତ ସାଧାରଣ ଜନତାଙ୍କ ଅର୍ଥ ବ୍ୟାଙ୍କ ମାଧ୍ୟମରେ ଋଣ ଆକାରରେ ପ୍ରଦାନ କରାଯାଉଥିବା ବେଳେ ଏହି ବକେୟା ଆଦାୟ ପାଇଁ ଅନେକ କ୍ଷେତ୍ରରେ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଜନସାଧାରଣଙ୍କ କଲ୍ୟାଣ ପାଇଁ ବ୍ୟୟ ହେବାକୁ ଥିବା ସରକାରୀ ଅର୍ଥର ଅପବ୍ୟବହାରକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଚିନ୍ତାବ୍ୟକ୍ତ କରିଛନ୍ତି ।

ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ୧ ହଜାର ୫୩୭ କୋଟି ଟଙ୍କାର ଋଣକୁ ମାତ୍ର ୭୩ କୋଟି ୫୦ ଲକ୍ଷ ଟଙ୍କାରେ ଦୁଇଟି ଆସେଟ୍ ରିକନଷ୍ଟ୍ରକ୍ସନ୍ କମ୍ପାନୀ ମାଧ୍ୟମରେ ସମାଧାନ କରାଯାଇଥିବା ଅଭିଯୋଗ ସମ୍ବଳିତ ଏକ ଆବେଦନ ଉପରେ ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଅନ୍ୟ ସମ୍ପୃକ୍ତ ପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ଶୁଣାଣି ସମୟରେ ଖଣ୍ଡପୀଠ ଆସେଟ୍ ରିକନଷ୍ଟ୍ରକ୍ସନ୍ କମ୍ପାନୀଗୁଡ଼ିକର କାର୍ଯ୍ୟପ୍ରଣାଳୀର ସମୀକ୍ଷା ଆବଶ୍ୟକ ବୋଲି କହିଛନ୍ତି । ଆସେଟ୍ ରିକନଷ୍ଟ୍ରକ୍ସନ୍ କମ୍ପାନୀ ହେଉଛି ବିତ୍ତୀୟ ସଂସ୍ଥା ଯାହା ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥା ଗୁଡ଼ିକର ଅନାଦେୟ ଋଣକୁ ଅଧିଗ୍ରହଣ କରି ଆଦାୟ ବ୍ୟବସ୍ଥା କରିଥାଏ ।

## ଜୟଶଙ୍କର-ଇଣ୍ଡିଆ ୟୁଏସ୍ ଫୋରମ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ଼କ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଅସ୍ଥିର ବିଶ୍ୱ ପରିସ୍ଥିତିରେ ଭାରତକୁ ନିଜର ଜାତୀୟ ସ୍ୱାର୍ଥ, ରଣନୀତିକ ସ୍ୱାଧୀନତା ଏବଂ ବହୁମୁଖୀୟ ବିଶ୍ୱ ବ୍ୟବସ୍ଥାର ଲକ୍ଷ୍ୟକୁ ଆଗେଇ ନେବା ସହ ବିଭିନ୍ନ ଅଞ୍ଚଳ ସହ ସମ୍ପର୍କକୁ ସର୍ବାଧିକ ଫଳପ୍ରଦ କରିବା ଆବଶ୍ୟକ। ଗତକାଲି ନୂଆଦିଲ୍ଲୀରେ ଆୟୋଜିତ ଭାରତ-ଆମେରିକା ଫୋରମ୍-୨୦୨୬ରେ ଉଦ୍‌ବୋଧନ ଦେଇ ଡ଼କ୍ଟର ଜୟଶଙ୍କର କହିଥିଲେ, ଉଭୟ ଦେଶ କେତେକ ପ୍ରସଙ୍ଗକୁ ନେଇ ବିଭିନ୍ନ ଆହ୍ୱାନର ସାମ୍ନା କରୁଥିଲେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଭାରତ-ଆମେରିକା ସହଭାଗିତା କ୍ରମଶଃ ସୁଦୃଢ଼

ହେଉଛି । ସେ କହିଥିଲେ, ଭାରତର ବିକାଶ ସହିତ ଦେଶର ସ୍ୱାର୍ଥ ଜଡିତ ଲକ୍ଷ୍ୟ ବ୍ୟାପକ ହେବ ।

## ବିବେକ ଅଗ୍ରୱାଲ-ଏଫ୍‌ଏଟିଏଫ୍

ଭାରତର ବରିଷ୍ଠ ଅମଲା ବିବେକ ଅଗ୍ରୱାଲଙ୍କୁ ୨୦୨୬-୨୭ ବର୍ଷ ପାଇଁ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସର ପରବର୍ତ୍ତୀ ଉପାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ସେ ବ୍ରିଟେନର ଗାଇଲ୍ସ ଥମସନଙ୍କ ସ୍ଥାନରେ କାର୍ଯ୍ୟ କରିବେ । ବର୍ତ୍ତମାନ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟରତ ଶ୍ରୀ ଅଗ୍ରୱାଲ ପୂର୍ବରୁ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ । ଜୁନ୍ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ବୈଠକରେ ଶ୍ରୀ ଅଗ୍ରୱାଲଙ୍କ ଉପାଧ୍ୟକ୍ଷ ନିଯୁକ୍ତି ସମ୍ପର୍କିତ ନିଷ୍ପତ୍ତି ନିଆଯାଇଥିଲା ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶ୍ରୀ ଅଗ୍ରୱାଲଙ୍କ ଚୟନକୁ ଭାରତ ପାଇଁ ଏକ ବଡ଼ ସଫଳତା ବୋଲି କହିଛି । ମନ୍ତ୍ରଣାଳୟ ଦ୍ୱାରା ସାମାଜିକ ଗଣମାଧ୍ୟମ ପୋଷ୍ଟରେ କୁହାଯାଇଛି ଏହି ନିଯୁକ୍ତି ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଇବା ଏବଂ ବେଆଇନ ଆର୍ଥିକ ନେଟୱର୍କ ବିରୋଧରେ ଲଢ଼େଇ ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତାକୁ ପ୍ରକାଶ କରୁଛି ।

# ଗଭ୍‌-୧୨ ଇୟର୍ସ

ଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ' ମନ୍ତ୍ରକୁ ଆଧାର କରି ଭାରତରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଗରିବ, କୃଷକ, ମହିଳା ଓ ଯୁବବର୍ଗଙ୍କ କଲ୍ୟାଣ ଏବଂ ସଶକ୍ତୀକରଣ ପାଇଁ ସରକାର ଅନେକ ଜନକଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ବର୍ଷ ଶୀର୍ଷକ ଏହି ଧାରାବାହିକରେ ଆଜି ଆସନ୍ତୁ ଜାଣିବା – ସଶକ୍ତ ଭାରତ ଗଠନ ଦିଗରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପରିବର୍ତ୍ତନମୂଳକ ପଦକ୍ଷେପ ଉପରେ ।

ଗତ ୧୨ ବର୍ଷ ମଧ୍ୟରେ ସରକାର ଦେଶର ପ୍ରଯୁକ୍ତି କ୍ଷେତ୍ରରେ ଗଠନାତ୍ମକ ପରିବର୍ତ୍ତନ ଆଣିଛନ୍ତି। ସଶକ୍ତ ଭାରତର ଦୁଇଟି ପ୍ରମୁଖ ଭିତ୍ତି ହେଉଛି ସେମିକଣ୍ଡକ୍ଟର ପରିବେଶ ବ୍ୟବସ୍ଥାର ବିକାଶ ଏବଂ ମହାକାଶ କ୍ଷେତ୍ରର ଷ୍ଟାର୍ଟଅପ୍ ଗୁଡ଼ିକର ଦ୍ରୁତ ଅଭିବୃଦ୍ଧି। ନୀତିଗତ ପରିବର୍ତ୍ତନ ଫଳରେ ସେମିକଣ୍ଡକ୍ଟର କ୍ଷେତ୍ର ଏବେ ଉତ୍ପାଦନ ଓ ଡିଜାଇନ୍ ୟୁନିଟ୍‌ରେ ପରିଣତ ହୋଇଛି। ଜାତୀୟ ସୁରକ୍ଷା, ଆର୍ଥିକ ସ୍ଥିରତା, ଡିଜିଟାଲ ସାର୍ବଭୌମତ୍ୱ ଏବଂ ଭବିଷ୍ୟତ ପ୍ରତିଯୋଗିତାମୂଳକ କ୍ଷମତା ପାଇଁ ସେମିକଣ୍ଡକ୍ଟର ଏକ ମୂଳ ଆଧାର ପାଲଟିଛି। ୨୦୨୧ ଡିସେମ୍ବରରେ ୭୬ ହଜାର କୋଟି

ଟଙ୍କା ବ୍ୟୟବରାଦ ସହ 'ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ' ଆରମ୍ଭ କରାଯାଇଥିଲା । ଏହା ଅଧୀନରେ ସିଲିକନ୍ ଫ୍ୟାବ୍, କମ୍ପାଉଣ୍ଡ ସେମିକଣ୍ଡକ୍ଟର ସୁବିଧା, ଆସେମ୍ବ୍ଲିଂ ଓ ପରୀକ୍ଷଣ ୟୁନିଟ୍ ଏବଂ ଚିପ୍ ଡିଜାଇନ୍ ପାଇଁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ୨୦୨୬ ସୁଦ୍ଧା ସରକାର 'ସେମିକଣ୍ଡକ୍ଟର ମିଶନ ୨.୦' ଆରମ୍ଭ କରି ଶିଳ୍ପ କ୍ଷେତ୍ର ନେତୃତ୍ୱାଧୀନ ଗବେଷଣା ଓ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ୧ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଏହା ପ୍ରଯୁକ୍ତି ବିକାଶ ସହ ଭବିଷ୍ୟତ ପାଇଁ ଦକ୍ଷ ମାନବ ସମ୍ପଦ ସୃଷ୍ଟିରେ ସହାୟକ ହେବ । ସେମିକଣ୍ଡକ୍ଟର ମିଶନ ୨.୦ ସମ୍ପର୍କରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଏଆଇ ମିଶନ ୧.୦ ଏହି ଜଟିଳ ଶିଳ୍ପର ମୂଳ ଭିତ୍ତିଭୂମି ପ୍ରତିଷ୍ଠା କରିଥିବାବେଳେ ମିଶନ ୨.୦ ପରିବେଶ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବ ।

ଅନ୍ୟପକ୍ଷରେ, ଭାରତୀୟ ମହାକାଶ ନୀତି ୨୦୨୩ ଅନୁଯାୟୀ ଘରୋଇ ସଂସ୍ଥାଗୁଡ଼ିକୁ ଉପଗ୍ରହ ଉତ୍କ୍ଷେପଣ, ନିର୍ମାଣ ଓ ପରିଚାଳନା, ତଥ୍ୟ ସଂଗ୍ରହ ଓ ପ୍ରସାରଣ ଏବଂ ଗ୍ରାଉଣ୍ଡ ଷ୍ଟେସନ୍ ପରିଚାଳନା ସହ ସମ୍ପୂର୍ଣ୍ଣ ମହାକାଶ କାର୍ଯ୍ୟକଳାପ କରିବାକୁ ଅନୁମତି ଦିଆଯାଇଛି । ଫଳରେ ୨୦୧୪ ମସିହାରେ ମାତ୍ର ଗୋଟିଏ ଥିବା ପଞ୍ଜୀକୃତ ମହାକାଶ ଷ୍ଟାର୍ଟଅପ୍ ଥିବାବେଳେ ୨୦୨୬ ସୁଦ୍ଧା ଏହି ସଂଖ୍ୟା ୪୦୦କୁ ବୃଦ୍ଧି ପାଇଛି ।

ବର୍ତ୍ତମାନ ଭାରତର ମହାକାଶ ଅର୍ଥନୀତିର ମୂଲ୍ୟ ପ୍ରାୟ ୮.୪ ବିଲିୟନ ଡଲାର ହୋଇଥିବାବେଳେ ଆସନ୍ତା ୮ରୁ ୧୦ ବର୍ଷ ମଧ୍ୟରେ ଏହା ୪୦ରୁ ୪୫ ବିଲିୟନ ଡଲାରରେ ପହଞ୍ଚିବା ଆଶା କରାଯାଉଛି ।

ସେମିକଣ୍ଡକ୍ଟର ମିଶନର ସଫଳତା ଏବଂ ଦ୍ରୁତ ବିକାଶଶୀଳ ଘରୋଇ ମହାକାଶ କ୍ଷେତ୍ର ମାଧ୍ୟମରେ ଏକ ବିକଶିତ ରାଷ୍ଟ୍ର ଗଠନ ଦିଗରେ ଭାରତର ଯାତ୍ରା ସଫଳ ରୂପ ନେଉଛି ।

# କ୍ରିକେଟ୍

କ୍ରିକେଟ୍‌ରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ତୃତୀୟ ଏବଂ ଶେଷ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଆଜି ଅପରାହ୍ନରେ ଚେନ୍ନାଇସ୍ଥିତ ଏମ୍.ଏ. ଚିଦମ୍ବରମ୍ ଷ୍ଟାଡିୟମରେ ଖେଳାଯିବ । ଅପରାହ୍ନ ୧ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଆୟୋଜକ ଭାରତ ଏହି ଶୃଙ୍ଖଳାରେ ୨-୦ରେ ଆଗରେ ରହିଛି । ସୁସ୍ଥ ହେବା ପରେ ଦ୍ରୁତ ବୋଲର ହର୍ଷିତ ରାଣା ଶେଷ ଦିନିକିଆ ପାଇଁ ଭାରତୀୟ ଦଳରେ ସାମିଲ ହୋଇଛନ୍ତି ।

ଶୁଭମନ ଗିଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଧର୍ମଶାଳାରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ୭ ଓ୍ୱିକେଟ୍‌ରେ ବିଜୟୀ ହୋଇଥିଲା । ପରେ ଲକ୍ଷ୍ନୌରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ଅଧିନାୟକ ଶୁଭମନ

ଗିଲ ଓ ଇଶାନ କିଶନଙ୍କ ଶତକ ବଳରେ ଭାରତ ୧୭୦ ରନ୍‌ର ବୃହତ୍ ବ୍ୟବଧାନରେ ବିଜୟ ହାସଲ କରିଥିଲା ।

ଏହାପୂର୍ବରୁ ଏହି ଗସ୍ତରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ମଧ୍ୟ ଭାରତ ତିନି ଦିନ ମଧ୍ୟରେ ଗୋଟିଏ ଇନିଂସ ଏବଂ ୩୦୦ ରନ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା ।

# ଫିଫା ବିଶ୍ୱକପ୍

ଫିଫା ଫୁଟବଲ ବିଶ୍ୱକପ୍‌ରେ ଆମେରିକା ଗ୍ରୁପ୍-ଡିର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୨-୦ରେ ପରାସ୍ତ କରି ନକ୍‌ଆଉଟ୍ ପର୍ଯ୍ୟାୟରେ ପହଞ୍ଚିଛି । ଆଜି ଏହି ଫୁଟବଲ ବିଶ୍ୱକପ୍‌ରେ ୪ଟି ମ୍ୟାଚ୍ ଖେଳାଯିବ । ଗ୍ରୁପ୍-ବିର ମ୍ୟାଚ୍‌ରେ ସ୍କଟଲାଣ୍ଡ ଓ ମରକ୍କୋ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବାବେଳେ ଗ୍ରୁପ୍-ସିରେ ହାଇତି ଓ ବ୍ରାଜିଲ, ଗ୍ରୁପ୍-ଡିରେ ତୁର୍କୀ ଓ ପାରାଗୁଏ ଏବଂ ଗ୍ରୁପ୍-ଏଫ୍‌ରେ ନେଦରଲ୍ୟାଣ୍ଡ୍‌ସ ଓ ସ୍ୱିଡେନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# ନୀରଜ ଦୋହା ଲିଗ୍

ଭାରତର ତାରକା ଜାଭେଲିନ୍ ଥ୍ରୋ ଖେଳାଳି ନୀରଜ ଚୋପ୍ରା ଗତକାଲି ଅନୁଷ୍ଠିତ ଦୋହା ଡାଇମଣ୍ଡ ଲିଗ୍‌ରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ୨୮ ବର୍ଷୀୟ ନୀରଜ ତାଙ୍କ ତୃତୀୟ ପ୍ରୟାସରେ ସର୍ବୋତ୍ତମ ୮୫

ଦଶମିକ ୬/୯ ମିଟର ଦୂରତାକୁ ଥ୍ରୋ କରିଥିଲେ। ସୁସ୍ଥ ହେବା ପରେ ଏହା ତାଙ୍କର ପ୍ରଥମ ପ୍ରତିଯୋଗିତା ଥିଲା।

ଶ୍ରୀଲଙ୍କାର ରୁମେଶ ଥରଙ୍ଗା ପଥିରାଗେ ୮୮ ଦଶମିକ ୬/୮ ମିଟର ଥ୍ରୋ ସହ ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ଗ୍ରେନାଡାର ଦୁଇଥର ବିଶ୍ୱ ଚାମ୍ପିଅନ୍ ଆଣ୍ଡରସନ୍ ପିଟର୍ସ ୮୬ ଦଶମିକ ୩/୮ ମିଟର ସହ ଦ୍ୱିତୀୟ ଏବଂ ଆମେରିକାର କର୍ଟିସ୍ ଥମ୍ପସନ୍ ୮୫ ଦଶମିକ ୯/୯ ମିଟର ଥ୍ରୋ ସହ ତୃତୀୟ ସ୍ଥାନରେ ରହିଥିଲେ।

ପଦକ ତାଲିକାରେ ସ୍ଥାନ ପାଇବାରେ ବିଫଳ ହୋଇଥିଲେ ମଧ୍ୟ ନୀରଜ ଚୋପ୍ରା ଆସନ୍ତା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଭାରତୀୟ କ୍ରୀଡ଼ା ସଂଘ ନିର୍ଦ୍ଧାରିତ ୮୨ ଦଶମିକ ୬୧ ମିଟର ଯୋଗ୍ୟତା ମାନଦଣ୍ଡ ଅତିକ୍ରମ କରିଛନ୍ତି। ଏହି କ୍ରୀଡ଼ା ମହାକୁମ୍ଭ ଜୁଲାଇ ୨୩ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଗ୍ଲାସଗୋରେ ଅନୁଷ୍ଠିତ ହେବ।